**ସଂକ୍ଷେପରେ**

## ବଦଳିଲା କରୋନା ୱାର୍ଡ, ବ୍ୟବସ୍ଥା

**ଅନୁଗୋଳ ଅଫିସ, ୯।୫:** ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଥିବା କରୋନା ୱାର୍ଡକୁ ସ୍ଥାନାନ୍ତର କରାଯାଇଛି। ରବିବାର ମେଡିକାଲ କର୍ତ୍ତୃପକ୍ଷ ସମସ୍ତ ଯାଞ୍ଚ କରିବା ପରେ ଏଭଳି ନିଷ୍ପତ୍ତି ନେଇଛନ୍ତି। ଏଥିସହ ୩୦ ବେଡ୍ ବିଶିଷ୍ଟ ୱାର୍ଡକୁ ୫୦ ବେଡ୍‌କୁ ବୃଦ୍ଧି କରାଯାଇଥିବା ଡାକ୍ତରଖାନା ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଏଣିକି କରୋନା ୱାର୍ଡର ସମସ୍ତ ଶଯ୍ୟା ନିକଟରେ ସେଣ୍ଟ୍ରାଲ ଅକ୍ସିଜେନ୍ ସୁବିଧା ଉପଲବ୍ଧ ହେବା ପୂର୍ବପରି ଆଉ ଅକ୍ସିଜେନ୍ ସିଲିଣ୍ଡର ବୋହି ନେବାକୁ ପଡ଼ିବ ନାହିଁ। ଏ ନେଇ ରବିବାର 'ଧରିତ୍ରୀ'ରେ ଖବର ପ୍ରକାଶ ପରେ ପୁରୁଣା ୱାର୍ଡ ସହ ବ୍ୟବସ୍ଥା ବଦଳା ଯାଇଛି। ଏବେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଥିବା ମେଲ୍ ମେଡିସିନ୍ ୱାର୍ଡରେ ଏହି ସେବା ଯୋଗାଇ ଦିଆଯିବ। ବର୍ତ୍ତମାନ ସେଠାରେ ୩୦ଟି ବେଡ୍ ୫୦ ବେଡ୍ କରାଯିବ। ପୁରୁଣା କରୋନା ୱାର୍ଡରେ ୩୦ ବେଡ୍ ରହିଥିବାବେଳେ ୫ଟି ଅକ୍ସିଜେନ୍ ସିଲିଣ୍ଡର ବ୍ୟବସ୍ଥା ରହିଥିଲା। ଶନିବାର ଜଣେ ରୋଗୀ ଦହଗଞ୍ଜ ହେବା ପରେ ମେଡିକାଲରେ ଚାପା ଉତ୍ତେଜନା ଦେଖିବାକୁ ମିଳିଥିଲା। ଫଳରେ ରୋଗୀଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟଗତ ସୁବିଧା ପ୍ରଦାନ କରାଯାଉ ନ ଥିବା ଜୈନିକ ବ୍ୟକ୍ତି ଅଭିଯୋଗ କରିଥିଲେ। ଅସୁବିଧାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ପକ୍ଷରୁ କରୋନା ୱାର୍ଡକୁ ସ୍ଥାନାନ୍ତ କରାଯାଇଥିବା ସୂଚନା ପ୍ରଦାନ କରାଯାଇଛି।

## ଜିଲା ଭାଜପା ପକ୍ଷରୁ ଶୋକ

**ଅନୁଗୋଳ ଅଫିସ, ୯।୫:** ବିଶିଷ୍ଟ ସ୍ଥପତି ତଥା ରାଜ୍ୟ ସଭା ସଦସ୍ୟ ପଦ୍ମବିଭୂଷଣ ରଘୁନାଥ ମହାପାତ୍ରଙ୍କ ପରଲୋକରେ ଅନୁଗୋଳ ଜିଲା ଭାଜପା ପକ୍ଷରୁ ଗଭୀର ଶୋକବ୍ୟକ୍ତ କରାଯାଇଛି। ଅନୁଗୋଳ ଜିନ୍ଦଲ କାରଖାନା ପରିସରରେ ଥିବା ଭବ୍ୟ ଜଗନ୍ନାଥ ମନ୍ଦିର ଦେବଭୂମି ତାଙ୍କରି ନେତୃତ୍ୱରେ ନିର୍ମାଣ କରାଯାଇଥିଲା। ଜିଲା ଭାଜପା ସଭାପତି ଡିଲେଶ୍ୱର ପ୍ରଧାନ, ବରିଷ୍ଠ ନେତା ରୁଦ୍ର ନାରାୟଣ ପାଣି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ, ଅଶୋକ ମହାନ୍ତି, ଅଗସ୍ତି ବେହେରା, ଜିଲା ସାଧାରଣ ସମ୍ପାଦକ ସୁଦୀପ ଗଡ଼ନାୟକ, କୃଷକ ମୋର୍ଚ୍ଚା ଜିଲା ସଭାପତି ବିଜୟ ମାଝି, ଉପ ସଭାପତି ଚୌଧୁରୀ ପ୍ରଧାନ, ନୃସିଂହ ବରାଳ, ସମୀର ପରିଡା, ସୁଦୀପ୍ତ ସ୍ୱାଇଁ, ଜିଲା ସମ୍ପାଦକ ପ୍ରଶାନ୍ତ ନନ୍ଦ, ପ୍ରଭାତ ପ୍ରଧାନ, ସମନାଥ ରାଉତ, ବିଶ୍ୱଜିତ ମିଶ୍ର, ଚିତ୍ତରଞ୍ଜନ ମେହେର ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

# ପ୍ରଶାସନିକ ଅବହେଳାରୁ ବଢୁଛି ପଜିଟିଭ୍

**ବଇଣ୍ଡା, ୯।୫(ଡି.ଏନ.ଏ.)**


ବଇଣ୍ଡା ମେଡିକାଲ

- କିଶୋରନଗର ବ୍ଲକରେ ମାସକରେ ୫୫୭ ସଂକ୍ରମିତ
- ଟେଷ୍ଟିଂ ପାଇଁ ମେଡିକାଲରେ କିଟ୍ ଅଭାବ
- ସଂସ୍ପର୍ଶରେ ଆସିଥିବା ଲୋକଙ୍କ ପରୀକ୍ଷା ହେଉନି

ଅନୁଗୋଳ ଜିଲା କିଶୋରନଗର ବ୍ଲକ ଅଞ୍ଚଳରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। କିଛିଦିନ ହେଲା ଦୈନିକ ଆକ୍ରାନ୍ତଙ୍କ ସଂଖ୍ୟାରେ ଦ୍ରୁତ ବୃଦ୍ଧି ପରିଲକ୍ଷିତ ହେଉଛି। ଗତ ୬ ତାରିଖରେ ବ୍ଲକ ଅଞ୍ଚଳରୁ ୪୪ଜଣ ନୂଆ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ୭ ତାରିଖରେ ୫୨ ଓ ୮ ତାରିଖରେ ଏହି ସଂଖ୍ୟା ୫୯ରେ ପହଞ୍ଚିଛି। ମାସକ ମଧ୍ୟରେ ବ୍ଲକ ଅଞ୍ଚଳରୁ ୫୫୭ ଜଣ ସଂକ୍ରମିତ ଚିହ୍ନଟ ହୋଇଥିଲେ ମଧ୍ୟ ପ୍ରଶାସନ ଏହାକୁ ଗୁରୁତ୍ୱର ସହ ନେଉ ନ ଥିବା ଅଭିଯୋଗ ହୋଇଛି। ଏପରିକି ଆକ୍ରାନ୍ତଙ୍କ ପରିବାର ସଦସ୍ୟ ଓ ସଂସ୍ପର୍ଶରେ ଆସିଥିବା ଲୋକେ ଟେଷ୍ଟ ପାଇଁ ଆଗ୍ରହ ପ୍ରକାଶ କରୁଥିଲେ ବି ମେଡିକାଲରେ କିଟ୍ ଅଭାବରୁ ତାହା ହୋଇପାରୁ ନାହିଁ। ଏହା ପଜିଟିଭ୍‌ଙ୍କ ସଂଖ୍ୟା ବୃଦ୍ଧିର କାରଣ ହୋଇଥିବା କୁହାଯାଉଛି।

କିଶୋରନଗର ବ୍ଲକର ବିଭିନ୍ନ ଗ୍ରାମରୁ କରୋନ ସଂକ୍ରମିତ ଚିହ୍ନଟ ହେଉଥିବାରୁ ଏହାକୁ ନେଇ ଭୟର ବାତାବରଣ ସୃଷ୍ଟି ହୋଇଛି। ବଇଣ୍ଡା ମେଡିକାଲ ଅଧୀନରେ ଥିବା ୮ଟି ପଞ୍ଚାୟତରୁ ମାସକରେ ୩୬୯ ଜଣ ପଜିଟିଭ୍ ବାହାରିଥିବା ବେଳେ ୪ ଜଣଙ୍କ ମୃତ୍ୟୁ ହୋଇଛି। ସେହିପରି କିଶୋରନଗର ମେଡିକାଲ ଅଧୀନରେ ଥିବା ୧୫ଟି ପଞ୍ଚାୟତରୁ ୧୮୮ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଜଣଙ୍କ ମୃତ୍ୟୁ ହୋଇଛି। ବଇଣ୍ଡା ଏକ ଜନଗହଳିପୂର୍ଣ୍ଣ ଅଞ୍ଚଳ ହୋଇଥିବାବେଳେ ଅମାନିଆଙ୍କୁ ରୋକାଯାଇ ପାରୁନାହିଁ। ଅନ୍ୟ ପଞ୍ଚାୟତର ସଂକ୍ରମିତ ବ୍ୟକ୍ତିମାନେ ବଇଣ୍ଡା ଅଞ୍ଚଳକୁ ଆସି ବିଭିନ୍ନ ସାମଗ୍ରୀ କିଣୁଥିବା ବଇଣ୍ଡା ଗ୍ରାମବାସୀ ଅଭିଯୋଗ କରୁଛନ୍ତି। ପୋଲିସ ପ୍ରଶାସନ ପକ୍ଷରୁ ଯାଞ୍ଚ ବେଳେ ହଣ୍ଡପା ପୋଲିସ ଏକ ମାସରେ ୩୦ ହଜାର ଟଙ୍କା ଜରିମାନା କାଟିଛି। ତଥାପି ଅମାନିଆମାନେ ମାନୁ ନ ଥିବା ପୋଲିସ କହିଛି। ଅନ୍ୟପକ୍ଷରେ ବ୍ଲକରେ କରୋନା ଟେଷ୍ଟ ପାଇଁ ଆବଶ୍ୟକ କିଟ୍ ନାହିଁ। ଏଥିଯୋଗୁ ବିଭିନ୍ନ ମେଡିକାଲକୁ ଟେଷ୍ଟ ପାଇଁ ଆସୁଥିବା ବ୍ୟକ୍ତିମାନେ ଫେରିଯାଉଛନ୍ତି। ବିଶେଷକରି ପଜିଟିଭ୍‌ଙ୍କ ପରିବାର ସଦସ୍ୟ ଓ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିମାନେ ଟେଷ୍ଟ କରିପାରୁନାହାନ୍ତି। ସେହିପରି ୧୩ ନମ୍ବର ଜୋନ୍‌ର ୮ଟି ପଞ୍ଚାୟତରେ କୋରୋନା ପଜିଟିଭ୍ ସଂଖ୍ୟା ବଢୁଥିବା ବେଳେ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଟିମ୍ କରି ବିଭିନ୍ନ ଗ୍ରାମରେ ଟେଷ୍ଟ କରିବା ପାଇଁ ବାରମ୍ବାର ଦାବି ହେଉଥିଲେ ମଧ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଉ ନାହିଁ। ଉରୁକୁଳା ଗ୍ରାମର ବହୁ ଲୋକ କିଛିଦିନ ହେବ ଜ୍ୱରରେ ପୀଡ଼ିତ ଥିବାବେଳେ ସେମାନଙ୍କ ଟେଷ୍ଟ କରିବା ପାଇଁ ଏକ ସ୍ୱତନ୍ତ୍ର ଟିମ୍ ଆବଶ୍ୟକ ରହିଛି। କିନ୍ତୁ ମେଡିକାଲ ଟିମ୍ ଆସୁ ନ ଥିବା ଉରୁକୁଳା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ନେଇ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଅଭୟ କୁମାର ଦାସ କହିଛନ୍ତି, କିଟ୍ ଅଭାବ ଯୋଗୁ ଟେଷ୍ଟରେ ବିଳମ୍ବ ହେଉଛି। ଏ ନେଇ ପଦକ୍ଷେପ ନିଆଯିବ।

### ସମସ୍ତଙ୍କୁ ଚିକିତ୍ସା ମିଳୁନି



"କୋଭିଡ୍ ଆକ୍ରାନ୍ତମାନଙ୍କ ମଧ୍ୟରୁ କେତେଜଣଙ୍କୁ ଠିକ୍ ଭାବେ ଚିକିତ୍ସାସେବା ଯୋଗାଇ ଦିଆଯାଉ ନାହିଁ। ସଙ୍ଗରୋଧରେ ଥିବା ବ୍ୟକ୍ତିମାନଙ୍କ ନିକଟରେ ଔଷଧ କିଟ୍ ପହଞ୍ଚାଯାଉ ନାହିଁ। ଅର୍ଥ ଅଭାବ ଯୋଗୁ ଅନେକେ ମେଡିକାଲ ଯାଇପାରୁ ନାହାନ୍ତି।

**-ମନୋରଞ୍ଜନ ପ୍ରଧାନ, ଶରଧାମୁଣ୍ଡା**

### ଲୋକଙ୍କୁ ସୁରକ୍ଷା ଦେବାରେ ବିଫଳ



"କରୋନା କବଳରୁ ଲୋକଙ୍କୁ ସୁରକ୍ଷିତ ରଖିବାରେ ପ୍ରଶାସନ ବିଫଳ ହେଉଛି। ସେଥିପାଇଁ ଗ୍ରାମାଞ୍ଚଳରେ ଏହି ମହାମାରୀ ପ୍ରବେଶ କରିସାରିଲାଣି। ସମସ୍ତେ ସଚେତନ ନ ରହିଲେ ଆଗାମୀ ଦିନରେ ଏହା ଅଧିକରୁ ଅଧିକ ଲୋକଙ୍କୁ ନିଜ କବଳକୁ ନେଇଯିବ।

**-ରଣଜିତ ପଟ୍ଟନାୟକ, ସାମାଜିକକର୍ମୀ**

### ନିୟମ ପାଳନ କରୁନାହାନ୍ତି



"ବଇଣ୍ଡାରେ ସଂକ୍ରମଣ ରୋକିବା ପାଇଁ ପଦକ୍ଷେପ ନିଆଯାଉଛି। କାମ ନ ଥିଲେ ଘରୁ ନ ବାହାରିବା ପାଇଁ ଲୋକମାନଙ୍କୁ ପରାମର୍ଶ ଦିଆଯାଉଛି। କିନ୍ତୁ କୋଭିଡ୍ କଟକଣା ନ ମାନିବା ଯୋଗୁ ସଂକ୍ରମଣ ବଢୁଛି। ସମସ୍ତେ ସରକାରଙ୍କ ନିର୍ଦ୍ଦେଶ ମାନନ୍ତୁ।

**-ଜଳଧର ସାହୁ, ସରପଞ୍ଚ, ନୁନୁକାପଶି**

### ଲକ୍ଷଣ ଥିଲେ ଟେଷ୍ଟ କରନ୍ତୁ



"କରୋନା ସଂକ୍ରମିତଙ୍କ ପାଇଁ ସରକାରୀସ୍ତରରେ ବହୁ ବ୍ୟବସ୍ଥା କରାଯାଇଛି। ହେଲେ ଅନେକ ଲୋକ କଟକଣା ମାନୁନାହାନ୍ତି। ଲକ୍ଷଣ ଥିଲେ ଟେଷ୍ଟ କରନ୍ତୁ। ଶିଶୁ, ଗର୍ଭବତୀ ଓ ବୟସ୍କମାନେ ଘରେ ରହିବା ସହ ମାସ୍କ ବ୍ୟବହାର ଓ ସାମାଜିକ ଦୂରତ୍ୱ ରକ୍ଷା କରନ୍ତୁ।

**-ଡା. ସରୋଜ କୁମାର ନନ୍ଦ, ବଇଣ୍ଡା ମେଡିକାଲ**

### ଘର ଘର ବୁଲି ସ୍କାନିଂ, ଟେଷ୍ଟିଂ



"ଅମାନିଆଙ୍କ ପାଇଁ ସଂକ୍ରମଣ ବଢୁଛି। ସେମାନଙ୍କୁ ସାବାଡ କରିବାକୁ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯିବା ଆବଶ୍ୟକ। ନ ଥିଲେ ଘରୁ ବାହାରନ୍ତୁ ନାହିଁ। ଖୁବ୍‌ଶୀଘ୍ର ଘରଘର ବୁଲି ବୟସ୍କଙ୍କ ସ୍କାନିଂ ସହ ଲକ୍ଷଣ ପ୍ରକାଶ ପାଉଥିବା ବ୍ୟକ୍ତିଙ୍କ ଟେଷ୍ଟ କରାଯିବ।

**-ଶାନ୍ତି ସ୍ୱରୂପ ମିଶ୍ର, ତହସିଲଦାର**

## ଗାଡ଼ି ଧକ୍କାରେ ଯୁବକ ଗୁରୁତର

**ପରଜଙ୍ଗ, ୯।୫(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ଅନ୍ତର୍ଗତ ଦଦରାଘାଟି ଫାଣ୍ଡି ଅଧୀନ ୧୪୯ନଂ. ଜାତୀୟ ରାଜପଥର ଝରଣବାହାଳ ଛକରେ ରବିବାର ଦୁର୍ଘଟଣା ଘଟିଛି। କୌଣସି ଏକ ଗାଡ଼ି ଧକ୍କାରେ ଜଣେ ସ୍କୁଟି (ନଂ. ଓଡ଼ି ୦୭ ଏଫ୍ ୯୦୭୦) ଚାଳକ ଗୁରୁତର ହୋଇଛନ୍ତି। ତାଙ୍କ ପରିଚୟ ମିଳିପାରିନାହିଁ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିବାବେଳେ ତାଙ୍କୁ ସ୍ଥାନୀୟ ବାସିନ୍ଦା ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସରେ ପରଜଙ୍ଗ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ପରେ ତାଳଚେର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ପହଞ୍ଚି ଛାନ୍‌ଭିନ୍ ଆରମ୍ଭ କରିଛି।

## ଶିଳ୍ପୀ ରଘୁନାଥଙ୍କ ବିୟୋଗରେ ଶୋକ

**ଢେଙ୍କାନାଳ ଅଫିସ, ୯।୫**

ପଦ୍ମବିଭୂଷଣ ତଥା ବିଶିଷ୍ଟ ସ୍ଥପତି ରାଜ୍ୟ ସଭା ସଦସ୍ୟ ଶିଳ୍ପୀ ରଘୁନାଥ ମହାପାତ୍ରଙ୍କ ପରଲୋକରେ ଢେଙ୍କାନାଳ ଜିଲା ଭାଜପା ପକ୍ଷରୁ ଗଭୀର ଶୋକବ୍ୟକ୍ତ କରାଯାଇଛି। ଓଡ଼ିଶାର ଭାସ୍କର୍ଯ୍ୟ କଳାକୁ ରଘୁନାଥଙ୍କ ଅବଦାନ ଅନସ୍ୱୀକାର୍ଯ୍ୟ। ତାଙ୍କ ବିୟୋଗରେ ରାଜ୍ୟର କଳାସଂସ୍କୃତି ଜଗତରେ ଯେଉଁ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି, ତାହା ଅପୂରଣୀୟ ବୋଲି ବରିଷ୍ଠ ନେତା ରୁଦ୍ରନାରାୟଣ ପାଣି କହିଛନ୍ତି। ଜିଲା ସଭାପତି ନରେଶ ଚନ୍ଦ୍ର ମହାପାତ୍ର, ରାଜ୍ୟ ଓବିସି ମୋର୍ଚ୍ଚା ସଭାପତି କୃଷ୍ଣଚନ୍ଦ୍ର ପାତ୍ର, କାର୍ଯ୍ୟକାରିଣୀ ସଦସ୍ୟ ବିଭୂତି ପ୍ରଧାନ, ମିଡିଆସେଲ୍ ପ୍ରଭାରୀ ନବକିଶୋର ଗୁରୁ ପ୍ରମୁଖ ଦିବଂଗତ ଆତ୍ମାର ସଦ୍‌ଗତି କାମନା କରିଛନ୍ତି।

# ୫ ଘଣ୍ଟା ପଡ଼ିରହିଲା ମୃତଦେହ

**ଛେଣ୍ଡିପଦା, ୯।୫(ସ୍ୱ.ପ୍ର.)**

କରୋନା ସନ୍ଦେହ କରି ମୃତଦେହ ଛୁଇଁଲେନି ସ୍ୱାସ୍ଥ୍ୟ କର୍ମଚାରୀ। ଫଳରେ ଦୀର୍ଘ ୫ ଘଣ୍ଟା ଧରି ରୋଗୀଙ୍କ ମୃତଦେହ ବେଡରେ ପଡି ରହିଲା। ଏପରିକି ମୃତଦେହ ଘରକୁ ନେବା ପାଇଁ ଗାଡି ମଧ୍ୟ ମିଳିପାରିଲା ନାହିଁ। ଦୀର୍ଘ ୫ଘଣ୍ଟା ପରେ ୫୦ କି.ମି. ଦୂରରୁ ଏକ ଗାଡି ଡକାଯାଇ ଡାକ୍ତରଖାନାରୁ ମହିଳାଙ୍କ ମୃତଦେହ ଘରକୁ ନିଆଯାଇଥିଲା। ଅନୁଗୋଳ ଜିଲା ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରବିବାର ଏପରି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି।

ପ୍ରକାଶ ଯେ, ପାତ୍ରପଡା ପଞ୍ଚାୟତ ପିମ୍ପଳବାହାଳ ଗ୍ରାମର ପ୍ରମୋଦ ବେହେରାଙ୍କ ସ୍ତ୍ରୀ ଡଲି ବେହେରାଙ୍କୁ ଜ୍ୱର ହେଉଥିଲା। ଶନିବାର ତାଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସୁସ୍ଥ ଅନୁଭବ କରିବା ପରେ ତାଙ୍କୁ ଘରକୁ ନିଆଯାଇଥିଲା। ରବିବାର ପୁଣି ଅସୁସ୍ଥ ହେବାରଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଣାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। କରୋନା ସଂକ୍ରମଣ ଭୟରେ ଡାକ୍ତରଖାନାର କୌଣସି କର୍ମଚାରୀ ମୃତଦେହ ପାଖ ମାଡ଼ି ନ ଥିଲେ। ମୃତଦେହକୁ ନେବା ପାଇଁ ଛେଣ୍ଡିପଦାରେ ଗାଡି ନ ମିଳିବାରୁ ୫୦ କିଲୋମିଟର ଦୂର ଅନୁଗୋଳରୁ ଗାଡି ଅଣାଯାଇଥିଲା। ଏ ସମ୍ପର୍କରେ ମେଡିକାଲ ଅଧିକାରୀ ଡା. ଆଶିଷ କୁମାର ପାଣି କହିଛନ୍ତି, ଘଟଣା ନେଇ କେହି ଅଭିଯୋଗ କରିନାହାନ୍ତି। ତଥାପି ସୋମବାର ତଦନ୍ତ କରାଯାଇ ଅବହେଳା ଥିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ।


**କରୋନା ସନ୍ଦେହ**
ବେଡ୍‌ରେ ପଡି ରହିଛି ମୃତଦେହ।

# ଅନୁଗୋଳରୁ ୪୨୭ ପଜିଟିଭ୍ ଚିହ୍ନଟ

**ଅନୁଗୋଳ ଅଫିସ, ୯।୫**

ଅନୁଗୋଳ ଜିଲାରୁ ରବିବାର ୪୨୭ ଜଣ ନୂଆ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ସଂକ୍ରମିତଙ୍କ ସଂଖ୍ୟା ୧୯ ହଜାର ୭ ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ଜିଲାରୁ ଚିହ୍ନଟ ହୋଇଥିବା ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ବଅଁରପାଳ ବ୍ଲକରୁ ୮୫, ଅନୁଗୋଳ ପୌରାଞ୍ଚଳରୁ ୫୯, ପାଲଲହଡା ବ୍ଲକରୁ ୫୬, ଛେଣ୍ଡିପଦା ବ୍ଲକରୁ ୫୫, ତାଳଚେର ବ୍ଲକରୁ ୪୬, ତାଳଚେର ପୌରାଞ୍ଚଳରୁ ୩୪, କଣିହାଁ ବ୍ଲକରୁ ୩୨, ଅନୁଗୋଳ ବ୍ଲକରୁ ୩୨, ଆଠମଲ୍ଲିକ ବ୍ଲକରୁ ୧୯, କିଶୋରନଗର ବ୍ଲକରୁ ୭ ଓ ଆଠମଲ୍ଲିକ ଏନ୍‌ଏସିରୁ ୨ଜଣ ରହିଛନ୍ତି। ଦିନକରେ ୩୦୩ଜଣ କରୋନରୁ ସୁସ୍ଥ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

## ୧୪୬ ଆକ୍ରାନ୍ତ, ମୃତ୍ୟୁ ସଂଖ୍ୟା ୩୧

**ଢେଙ୍କାନାଳ ଅଫିସ, ୯।୫**

ଢେଙ୍କାନାଳ ଜିଲାରେ ଆଉ ଏକ ମୁଣ୍ଡ ନେଇଛି କରୋନା। ମୃତକ ହେଲେ ସଦର ବ୍ଲକର ଜଣେ ୪୨ ବର୍ଷୀୟ ବ୍ୟକ୍ତି। ସେ କୋଭିଡ୍-୧୯ରେ ସଂକ୍ରମିତ ହୋଇ ବାଜିଚୌକ୍‌ସ୍ଥିତ ଜିଲା କୋଭିଡ୍ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ଏହାକୁ ମିଶାଇ ଜିଲାରେ ମୋଟ କରୋନା ସଂକ୍ରମିତଙ୍କ ମୃତ୍ୟୁସଂଖ୍ୟା ୩୧ରେ ପହଞ୍ଚିଛି।

ସେହିପରି ଗତ ୨୪ ଘଣ୍ଟା ମଧ୍ୟରେ ୧୪୬ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଢେଙ୍କାନାଳ ପୌରାଞ୍ଚଳର ୨୧, କାମାକ୍ଷାନଗର ବ୍ଲକର ୧୩ ଓ ଏନ୍‌ଏସିର ୨୫, ହିନ୍ଦୋଳ ବ୍ଲକର ୨୩, ଓଡ଼ାପଡ଼ା ବ୍ଲକର ୧୬, ପରଜଙ୍ଗ ବ୍ଲକର ୧୪, ସଦର ବ୍ଲକର ୧୩, ଭୁବନ ବ୍ଲକର ୯, ଗଁଦିଆ ବ୍ଲକର ୮, କଙ୍କଡ଼ାହାଡ଼ ବ୍ଲକରୁ ୪ ଜଣ ଅଛନ୍ତି। ସେହିପରି ଦିନକରେ ୨୨ଜଣ ସୁସ୍ଥ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ଅଦ୍ୟାବଧି ଜିଲାର ୨,୫୬,୩୧୮ ଜଣଙ୍କ ଟେଷ୍ଟିଂ ହୋଇଛି। ତନ୍ମଧ୍ୟରୁ ୭,୦୬୭ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଚିକିତ୍ସା ପରେ ୬,୦୪୦ ଜଣ ସୁସ୍ଥ ହୋଇସାରିଥିବାବେଳେ ୯୯୬ ଜଣ ସକ୍ରିୟ ରୋଗୀ ଅଛନ୍ତି।

# ଅକ୍ସିଜେନ୍ ଅଭାବରୁ ଚାଲିଗଲା ଜୀବନ

**ଅନୁଗୋଳ ଅଫିସ, ୯।୫**

**ଆସିଲାନି ଆମ୍ବୁଲାନ୍ସ**

ଠିକଣା ସମୟରେ ଗୁରୁତରଙ୍କୁ ନେବାକୁ ଆମ୍ବୁଲାନ୍ସ ନ ଆସିବା ଓ ମେଡିକାଲ ସମ୍ମୁଖରେ ଚିକିତ୍ସା ପାଇଁ ଦୀର୍ଘ ସମୟ ଧରି ଘରୋଇ ଗାଡ଼ିରେ ଅପେକ୍ଷା କରିଥିବା ଜଣେ କରୋନା ସଂକ୍ରମିତଙ୍କ ଅକ୍ସିଜେନ ଅଭାବରୁ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ମୃତକ ହେଲେ ତାଳଚେର ବ୍ଲକ ବିକ୍ରମପୁର ଥାନା ବଡ଼ସିଂହଡ଼ା ଗ୍ରାମର ରାଜେଶ କୁମାର ପ୍ରଧାନ(୩୫)।

ରାଜେଶଙ୍କ ଦାଦା ସୁକାନ୍ତ କୁମାର ପ୍ରଧାନ ଅଭିଯୋଗ କରିଛନ୍ତି, ରାଜେଶ ଗତ ୩୦ ତାରିଖରେ କରୋନାରେ ଆକ୍ରାନ୍ତ ହୋଇ ହୋମ୍ ଆଇସୋଲେଶନ୍‌ରେ ଥିଲେ। ଧୀରେ ଧୀରେ ସେ ସୁସ୍ଥ ହୋଇ ଆସୁଥିଲେ। କିନ୍ତୁ କାଶ କମି ନ ଥିଲା। ଗତ ୭ ତାରିଖରେ ତାଙ୍କୁ ନିଃଶ୍ୱାସ ନେବାରେ ସମସ୍ୟା ହୋଇଥିଲା। ଡାକ୍ତରଙ୍କ ପରାମର୍ଶ କ୍ରମେ ତାଳଚେରସ୍ଥିତ କୋଭିଡ୍ ମେଡିକାଲକୁ ନେବାକୁ କୁହାଯାଇଥିଲା। କିନ୍ତୁ ପରିବାର ଲୋକେ ଆମ୍ବୁଲାନ୍ସ ପାଇଁ ଯୋଗାଯୋଗ କରିଥିଲେ ମଧ୍ୟ ଆମ୍ବୁଲାନ୍ସ ଉପଲବ୍ଧ ନ ଥିବା କୁହାଯାଇଥିଲା। ଦୀର୍ଘ ସମୟ ଅପେକ୍ଷା କରିବା ପରେ ପରିବାର ଲୋକେ ତାଙ୍କୁ ତାଳଚେର କୋଭିଡ୍ ହସ୍ପିଟାଲକୁ ନିଜସ୍ୱ ଗାଡ଼ିରେ ଆଣିଥିଲେ। କିନ୍ତୁ ମେଡିକାଲ ଫାଟକ ନିକଟରେ ଦୀର୍ଘ ସମୟ ଧରି ଅପେକ୍ଷା କରିବାକୁ ପଡ଼ିଲା। ବିଭିନ୍ନ ଲୋକଙ୍କୁ ନେହୁରା ହେବା ପରେ ଶେଷରେ ଭିତରକୁ ନିଆଯିବା ବେଳକୁ ଅକ୍ସିଜେନ ଅଭାବରୁ ରାଜେଶଙ୍କ ଅବସ୍ଥା ସଙ୍କଟାପନ୍ନ ହୋଇପଡ଼ିଥିଲା। ପରଦିନ ସମ୍ପର୍କୀୟଙ୍କୁ ଫଟୋ ଦେଖାଇ ମେଡିକାଲରେ ଭର୍ତ୍ତି ହେବା ଦିନ ରାଜେଶଙ୍କ ମୃତ୍ୟୁ ହୋଇଥିବା ଜଣେ କର୍ମଚାରୀ କହିଥିଲେ। ମେଡିକାଲ କର୍ତ୍ତୃପକ୍ଷଙ୍କ ଖାମଖିଆଲ ପାଇଁ ରାଜେଶଙ୍କ ମୃତ୍ୟୁ ହୋଇଥିବା ଦାଦା ସୁକାନ୍ତ କହିଛନ୍ତି। ଅନୁଗୋଳ ଜିଲା କୋଭିଡ୍ ଦାୟିତ୍ୱରେ ଥିବା ଏଡିଏମଓ (ଜନସ୍ୱାସ୍ଥ୍ୟ) ଧନଞ୍ଜୟ ବେହେରା କହିଛନ୍ତି, ଆମ୍ବୁଲାନ୍ସରେ ଅକ୍ସିଜେନ୍ ବ୍ୟବସ୍ଥା କରାଯାଇଛି। ଗୁରୁତରଙ୍କୁ ଆମ୍ବୁଲାନ୍ସ ଆଣି ମେଡିକାଲରେ ଛାଡ଼ିବ। ନିଜସ୍ୱ ଗାଡ଼ିରେ ଆସିଥିବାରୁ ଚିକିତ୍ସା ପାଇଁ ସମୟ ଲାଗିଛି। ତେବେ ଆମ୍ବୁଲାନ୍ସ ନ ଆଣିବା ଘଟଣାରେ ଅନୁଧ୍ୟାନ କରାଯିବ ବୋଲି ଏଡିଏମ୍‌ଓ ପ୍ରକାଶ କରିଛନ୍ତି।

## ମୃତଦେହ ୨୧ ଘଣ୍ଟା ପଡ଼ିରହିବା ନେଇ ଅସନ୍ତୋଷ

**ଅନୁଗୋଳ ଅଫିସ, ୯।୫**

ତାଳଚେର କୋଭିଡ୍ କେୟାର ସେଣ୍ଟରରେ ମୃତଦେହ ୨୧ ଘଣ୍ଟା ଧରି ପଡ଼ିରହିବା ଘଟଣାକୁ ନେଇ ଜିଲା କଂଗ୍ରେସ ପକ୍ଷରୁ ଅସନ୍ତୋଷ ବ୍ୟକ୍ତ କରାଯାଇଛି। ମୃତକଙ୍କ ପରିବାର ଲୋକେ ଦୀର୍ଘ ସମୟ ଅପେକ୍ଷା କରିଥିଲେ ମଧ୍ୟ ପ୍ରଶାସନ ଶ୍ମଶାନରେ ସଂସ୍କାର କରିବାରେ ଏତେ ବିଳମ୍ବ କରିବାକୁ ଅନୁଗୋଳ ଜିଲା କଂଗ୍ରେସ କମିଟି ପକ୍ଷରୁ ନିନ୍ଦା କରାଯାଇଛି। ଜିଲାରେ କରୋନାରେ ମୃତକଙ୍କ ସଂଖ୍ୟା ଦିନକୁଦିନ ବଢୁଥିବାବେଳେ ସରକାରଙ୍କ ପକ୍ଷରୁ ଠିକ୍ ସୂଚନା ଦିଆଯାଉ ନାହିଁ। ଏହାଛଡ଼ା ମୃତଦେହ ଦାହ କରିବାରେ ପ୍ରଶାସନ ବିଳମ୍ବ କରୁଥିବାରୁ ଜିଲା କଂଗ୍ରେସ ସଭାପତି ବିପ୍ଳବ ଜେନା ଅସନ୍ତୋଷ ଜାହିର କରିଛନ୍ତି।

# ଆଳ ଦେଖାଇ ଖସୁଛନ୍ତି ଅମାନିଆ

**ଅନୁଗୋଳ ଅଫିସ, ୯।୫**



ସପ୍ତାହାନ୍ତ ଶଟ୍‌ଡାଉନ୍‌ରେ ବଅଁରପାଳ ଥାନା ସମ୍ମୁଖରେ ଯାଞ୍ଚ ବ୍ୟବସ୍ଥା ନାହିଁ।

- ଶଟ୍‌ଡାଉନ୍‌କୁ କରୁନାହାନ୍ତି ଖାତିର
- ପୋଲିସ ଛକ ଜଗିଥିଲେ ମଧ ରୋକିପାରୁନି
- ଯାଞ୍ଚ କଡ଼ାକଡ଼ି କରିବ ପ୍ରଶାସନ

ଅନୁଗୋଳ ଜିଲାରେ କରୋନା ସଂକ୍ରମଣ ରୋକି ହେଉନାହିଁ। କିଛିଦିନ ହେଲା ଲଗାତର ଭାବେ ଜିଲାରୁ ଦୈନିକ ୫ଶହରୁ ଅଧିକ ସଂକ୍ରମିତ ଚିହ୍ନଟ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ଅନୁଗୋଳ ଜିଲା ପ୍ରଶାସନ ପକ୍ଷରୁ କୋଭିଡ୍ କଟକଣାକୁ କଡ଼ାକଡ଼ି କରାଯାଇଛି। ଛକ ଛକରେ ପୋଲିସ ଜଗି ରହିଛି। ସପ୍ତାହାନ୍ତ ଶଟ୍‌ଡାଉନ୍ ବ୍ୟତୀତ ଅନ୍ୟ ଦିନରେ ଅତ୍ୟାବଶ୍ୟକ ସାମଗ୍ରୀ ନେବାକୁ ଲୋକଙ୍କ ପାଇଁ ନିୟମ କୋହଳ କରାଯାଇଛି। କିନ୍ତୁ ଅମାନିଆମାନେ କୌଣସି କଟକଣାକୁ ଖାତିର କରୁନାହାନ୍ତି। ପୋଲିସ ଜଗି ରହିଥିଲେ ମଧ୍ୟ ବିଭିନ୍ନ ଆଳ ଦେଖାଇ ସେମାନେ ବୁଲାବୁଲି କରୁଥିବା ଦେଖାଯାଉଛି। ଏପରି କି ସପ୍ତାହାନ୍ତ ଶଟ୍‌ଡାଉନ୍‌ରେ ମଧ୍ୟ ଅମାନିଆଙ୍କୁ ରୋକାଯାଇ ପାରୁ ନ ଥିବା ଅଭିଯୋଗ ହେଉଛି।

ଅନୁଗୋଳ ଜିଲାରେ କରୋନା ସଂକ୍ରମଣ ଚେନ୍ ଭାଙ୍ଗିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ହାତକୁ ନିଆଯାଉଛି। ସହର ବଜାର ବନ୍ଦ ଥିବାରୁ ବାହାରକୁ ଆସୁଥିବା ଅମାନିଆମାନଙ୍କୁ ଧରି ଜରିମାନା ଆଦାୟ କରିବାକୁ ଛକଗୁଡ଼ିକରେ ଜଣେ ପୋଲିସ ଅଫିସରଙ୍କ ସହ ଦୁଇ ଜଣ କନଷ୍ଟେବଳଙ୍କୁ ମୁତୟନ କରାଯାଇଛି। କିନ୍ତୁ ଏହି ଅମାନିଆମାନେ ପୋଲିସକୁ ବିଭିନ୍ନ ଉପାୟରେ ଚକ୍‌ମା ଦେଇ ଖସିଯିବାରେ ସକ୍ଷମ ହେଉଛନ୍ତି। କିଏ ମେଡିକାଲ ଯିବା ବାହାନାରେ ବାହାରକୁ ଆସୁଛନ୍ତି ତ ଆଉ କିଏ ଔଷଧ କିଣିବାକୁ ଯାଉଛି କହି ଗାଡ଼ି ଧରି ପଳାଇ ଯାଉଛନ୍ତି। କେତେଜଣ ତ ପୁରୁଣା ଜରୁରୀ କାଗଜପତ୍ର ଦେଖାଇ ଚେକିଂରୁ ଖସିଯାଉଛନ୍ତି। ଏହାଛଡ଼ା ବଜାର ବନ୍ଦ ଥିଲେ ବି ଅନେକ ସ୍ଥାନରେ ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନ ଲୁଚାଛପାରେ ଖୋଲାଯାଇ ବେପାର କରାଯାଉଛି। ଏପରି କି ମାଛ, ମାଂସ ମଧ୍ୟ ବିକ୍ରି ହେଉଛି। ପୋଲିସ ଉପରେ ସତର୍କ ନଜର ରଖି ବେପାରୀମାନେ ଏପରି କରୁଥିବାରୁ ଏହାକୁ କିଣିବାକୁ ଅମାନିଆମାନେ ବିଭିନ୍ନ ଆଳରେ ବଜାର ଆସୁଛନ୍ତି। ଅନୁଗୋଳ ପୋଲିସ କି ପ୍ରଶାସନ ପକ୍ଷରୁ ଏପରି ଲୋକଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ଦିନକୁ ଦିନ ଅଧିକ ସଂଖ୍ୟାରେ ଲୋକେ ବାହାରୁ ଆସୁଥିବା ସଚେତନ ନାଗରିକମାନେ କହିଛନ୍ତି। ତେବେ ଅମାନିଆମାନଙ୍କୁ ସାବାଡ୍ କରିବାକୁ ଅନୁଗୋଳ ପୋଲିସ ପକ୍ଷରୁ ସଜବାଜ ଆରମ୍ଭ ହୋଇଛି। ଏଣିକି ଅତ୍ୟାବଶ୍ୟକ ସାମଗ୍ରୀ ଆଣିବାକୁ କହି ବାହାରୁଥିବା ଲୋକଙ୍କ ଯାଞ୍ଚ କଡ଼ାକଡ଼ି କରାଯିବ। ଯଦି କାହାଠାରୁ ଜାଲ୍ କାଗଜପତ୍ର ମିଳିବ ତାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

### କାରଣ ଦର୍ଶାଇ ନ ପାରିଲେ କାର୍ଯ୍ୟାନୁଷ୍ଠାନ



"ଅତ୍ୟାବଶ୍ୟକ ସାମଗ୍ରୀ ପାଇଁ ନିୟମ କୋହଳ ରହିଛି। କିନ୍ତୁ ବିନା କାରଣରେ ବାହାରେ ବୁଲିବାକୁ ଅନୁମତି ଦିଆଯାଇ ନାହିଁ। କେଉଁ କାରଣ ପାଇଁ ବାହାରକୁ ଆସିଛନ୍ତି ତାହା ସାଧାରଣ ଲୋକ ଦର୍ଶାଇବେ। ଯଦି କାରଣ ଦର୍ଶାଇ ନ ପାରିବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

**-ଜଗମୋହନ ମୀନା, ଏସ୍‌ପି, ଅନୁଗୋଳ**

### ନିୟମ ଉଲ୍ଲଂଘନ ହେଲେ ଜରିମାନା



"ଲକ୍‌ଡାଉନ୍ ନିୟମାବଳୀ ଜାରି ହୋଇଛି। ଏହାକୁ ଅନୁଗୋଳ ସହରରେ ଉଲ୍ଲଂଘନ କରାଯାଉଥିବା ନଜରକୁ ଆସିଛି। ଏଣିକି କୌଣସି ଲୋକ ଅଯଥାରେ ବଜାରରେ ବୁଲୁଥିବା ଦେଖାଗଲେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଜରିମାନା ମଧ୍ୟ ଆଦାୟ ହେବ।

**-ବାସୁଦେବ ଶତପଥୀ, ଉପଜିଲାପାଳ, ଅନୁଗୋଳ**

### ଅମାନିଆଙ୍କୁ ସାବାଡ୍ କର



"ଲୋକଙ୍କୁ ବାରମ୍ବାର ସଚେତନ କରାଯାଇ ସାରିଲାଣି। ଆଉ ସେମାନଙ୍କୁ ଅଧିକ ନ ବୁଝାଇ ଏଣିକି କଟକଣା ନ ମାନିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଯେଉଁମାନେ ଅଯଥାରେ ବାହାରକୁ ଆସୁଛନ୍ତି, ସେମାନଙ୍କୁ ପୋଲିସ ଚିହ୍ନଟ କରିବା ଆବଶ୍ୟକ। ଏହା ହେଲେ ସଂକ୍ରମଣ ଚେନ୍ ଭାଙ୍ଗିପାରିବ।

**-ଭବାନୀ ଶଙ୍କର ପ୍ରଧାନ, ଆଇନଜୀବୀ**

### ପୋଲିସ କଠୋର ହେବା ଆବଶ୍ୟକ



"ଅମାନିଆମାନଙ୍କ ପାଇଁ ଗୋଷ୍ଠୀ ସଂକ୍ରମଣ ଆଶଙ୍କା ରହିଛି। ତେଣୁ ପୋଲିସ ନୀରବଦ୍ରଷ୍ଟା ନ ହୋଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ। ବିଭିନ୍ନ ସାହି ଓ ଛକରେ କଟକଣା ପାଳନ କରାଯାଉ ନ ଥିବା ଦେଖାଯାଉଛି। ଏଥିପ୍ରତି ପୋଲିସ ଦୃଷ୍ଟି ଦେଲେ ଜିଲାରେ କୋଭିଡ୍ ସଂକ୍ରମଣ ହ୍ରାସ ପାଇବ।

**-ଜିତେନ୍ ସାମଲ, ସଚେତନ ନାଗରିକ**

## ସଂକ୍ଷେପରେ

### ଟ୍ରାକ୍ଟର ଓଲଟି ସାନଭାଇ ମୃତ, ବଡ଼ ଆହତ

**ବାରିପଦା ଅଫିସ,୯।୫:** ମୟୂରଭଞ୍ଜ ଜିଲା ବହଳଦା ଥାନା ଅନ୍ତର୍ଗତ ବାସିଙ୍ଗି ଗ୍ରାମ ନିକଟରେ ଏକ ଟ୍ରାକ୍ଟର ଓଲଟି ସାନ ଭାଇର ମୃତ୍ୟୁ ହୋଇଥିବା ବେଳେ ବଡ଼ ଭାଇ ଆହତ ହୋଇଛନ୍ତି। ଉଭୟ ଉକ୍ତ ଟ୍ରାକ୍ଟରରେ ଶ୍ରମିକ ଭାବେ କାମ କରୁଥିଲେ। ଟ୍ରାକ୍ଟର ଆଗକୁ ଚାଲି ଆସିଥିବା ଏକ ଗୋରୁର ଜୀବନ ବଞ୍ଚାଇବାକୁ ଯାଇ ଡ୍ରାଇଭର ଭାରସାମ୍ୟ ହରାଇବାରୁ ଏଭଳି ଦୁର୍ଘଟଣା ଘଟିଥିଲା। ମୃତକ ହେଲେ ମୁକୁନ୍ଦ କାରୁଆ। ଆହତ ପଙ୍କଜ କାରୁଆଙ୍କୁ ଚିକିତ୍ସା ପାଇଁ ରାଇରଙ୍ଗପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏହି ଦୁର୍ଘଟଣାରେ ଡ୍ରାଇଭର ଅଳ୍ପକେ ବର୍ତ୍ତି ଯାଇଛନ୍ତି। ବହଳଦା ଥାନା ପୋଲିସ ଦୁର୍ଘଟଣାଗ୍ରସ୍ତ ଟ୍ରାକ୍ଟରକୁ ଜବତ କରି ତଦନ୍ତ ଜାରି ରଖିଛି।

### ଯୁବକଙ୍କ ଆତ୍ମହତ୍ୟା

**ବାରିପଦା ଅଫିସ,୯।୫:** ମୟୂରଭଞ୍ଜ ଜିଲା ବାରିପଦା ଟାଉନ ଥାନା ଅନ୍ତର୍ଗତ ମୁନିସୀବନ୍ଧ ପୋଖରୀରୁ ଜଣେ ଯୁବକଙ୍କ ମୃତଦେହ ଜବତ କରାଯାଇଛି। ମୃତକ ହେଲେ ୧୭ନଂ ୱାର୍ଡ ବଳରାମପୁର ଅଞ୍ଚଳର ଦେବଦତ୍ତ ସେଠୀ। ଶନିବାର ରାତିରେ ଜଣେ ସାଙ୍ଗଠାରୁ ବାଇକ୍ ମାଗି ମୁନିସୀବନ୍ଧ ପୋଖରୀ ନିକଟକୁ ଯାଇ ସେଠାରେ ଆତ୍ମହତ୍ୟା ସେ କରିଥିବା କୁହାଯାଉଛି। ସେ ରହୁଥିବା ଘରୁ ପୋଲିସ ଏକ ସୁଇସାଇଡ୍ ନୋଟ ଜବତ କରିଛି। ଅସୁସ୍ଥତା ଯୋଗୁ ସେ ଆତ୍ମହତ୍ୟା କରିଥିବା କଥା ସୁଇସାଇଡ଼ ନୋଟର ଉଲ୍ଲେଖ ଥିବା ପୋଲିସ କହିଛି। ସେ କପ୍ତିପଦା ଶାଳଚୁଆ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କରେ କିରାଣୀ ଭାବେ କାର୍ଯ୍ୟରତ ଥିଲେ। ବାରିପଦା ଅଗ୍ନିଶମ ବାହିନୀ ପାଣିରୁ ମୃତଦେହ ଉଦ୍ଧାର କରିଥିଲା। ପୋଲିସ ଶବ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି।

### କାଳବୈଶାଖୀ: ଗଛ ପଡ଼ି ଭାଙ୍ଗିଲା ଘର

**ପାଟଣା, ୯।୫(ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣା ବ୍ଲକ ଅଞ୍ଚଳରେ ରବିବାର ଅପରାହ୍ନରେ କାଳବୈଶାଖୀ ପ୍ରଭାବରେ ବର୍ଷା ସାଙ୍ଗକୁ ପ୍ରବଳ ବେଗରେ ପବନ ହୋଇଥିଲା। ଫଳରେ ପଲାଣଘାଟି ପଞ୍ଚାୟତ ଶଡ଼ଙ୍ଗବାହାଳି ଗ୍ରାମର ଚିରଞ୍ଜିବ ମୁଣ୍ଡାଙ୍କ ଆଜବେଷ୍ଟସ୍ ଘର ଉପରେ ଏକ ଗଛ ପଡିଯିବାରୁ ଆଜବେଷ୍ଟସ୍ ସମ୍ପୂର୍ଣ୍ଣ ଭାଙ୍ଗିପଡିଛି। ଘର ଭିତରେ ଥିବା ଲୋକେ ଅଳ୍ପକେ ବର୍ତ୍ତି ଯାଇଥିବା ବେଳେ ଜଣେ ଆହତ ହୋଇଛନ୍ତି। ଚିରଞ୍ଜିବ ଜଣେ ଗରିବ ଶ୍ରେଣୀର ବ୍ୟକ୍ତି ହୋଇଥିବାରୁ ତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

### ଏନ୍ଏଚ୍ଆର୍‌ସିରେ ମାମଲା

**ଭଦ୍ରକ ଅଫିସ, ୯।୫:** ଭଦ୍ରକ ଜିଲା ବନ୍ତ ବ୍ଲକ କେନ୍ଦୁଆପଦା ଫାଣ୍ଡି ଅଞ୍ଚଳରେ ଜଣେ ଯୁବତୀଙ୍କୁ ଅପହରଣ କରି ବଳାତ୍କାର ପରେ ହତ୍ୟା ଉଦ୍ୟମ କରାଯାଇଥିଲା। ଚଳିତ ମାସ ୬ ତାରିଖ ପୀଡ଼ିତାଙ୍କ ଅଭିଯୋଗ କ୍ରମେ ଗ୍ରାମାଞ୍ଚଳ ଥାନାରେ ମାମଲା(ନଂ ୨୧୩/୨୧) ରୁଜୁ କରାଯାଇଛି। ଏହି ଘଟଣାରେ ପୋଲିସ ମୁଖ୍ୟ ଅଭିଯୁକ୍ତ ଗଣ୍ଡଗରା ଗ୍ରାମର ଆଶିଷ କୁମାର ମହାପାତ୍ରଙ୍କୁ ଗିରଫ କରିବା ସହ ବ୍ୟବହୃତ ଏକ ବାଇକ ଜବତ କରିଛି। ଏହି ମାମଲାରେ କେନ୍ଦୁଝର ଜିଲାର ଜଣେ ସାମାଜିକ କର୍ମୀ ପ୍ରକାଶିତ ଧରିତ୍ରୀ ଖବରକୁ ଆଧାର କରି ଜାତୀୟ ମାନବାଧିକାର କୋର୍ଟରେ ମାମଲା ରୁଜୁ କରିଥିଲେ। ଏହି ଘଟଣାରେ ସେ ପୀଡ଼ିତା ଦଳିତ ଯୁବତୀଙ୍କୁ ଉପଯୁକ୍ତ ନ୍ୟାୟ ପ୍ରଦାନ ପାଇଁ ନିବେଦନ କରିଛନ୍ତି।

### ବେଆଇନ ଚାନ୍ଦା ଆଦାୟ: ୫ ଗିରଫ

**ଖୁଣ୍ଟା,୯।୫(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଧୀନ ଡୁକୁରାଠାରେ ବେଆଇନ ଚାନ୍ଦା ଆଦାୟ ଅଭିଯୋଗରେ ପୋଲିସ ୫ ଅଭିଯୁକ୍ତଙ୍କୁ ଗିରଫ ପରେ ରବିବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ରାଜେନ୍ଦ୍ର ପାତ୍ର, ସଙ୍ଘାଇ ମୁର୍ମୁ, ମନୋରଞ୍ଜନ ସିଂ, ବିଜୟ ସାହୁ ଓ ଦେବେନ୍ଦ୍ର ବାରିକ। ଡୁକୁରା ଗ୍ରାମସ୍ଥିତ ଦୁର୍ଗାପୂଜା କମିଟିର ଅଗୋଚରରେ କେତେଜଣ ବ୍ୟକ୍ତି ଗତ ମାସ ୨୭ ତାରିଖରେ ଜଣେ ଗୋରୁ ବ୍ୟବସାୟୀଙ୍କଠାରୁ ଦେଢ଼ ଲକ୍ଷ ଟଙ୍କା ଚାନ୍ଦା ଆଦାୟ କରିଥିଲେ। ଏକଥା ଜଣାପଡ଼ିବା ପରେ କମିଟିର ସଭାପତି ସରୋଜ କୁମାର ସାହୁ ଅନ୍ୟ ସଦସ୍ୟଙ୍କ ସହିତ ଆଲୋଚନା କରି ଗତ ୭ ତାରିଖରେ ଖୁଣ୍ଟା ଥାନାରେ ଅଭିଯୋଗ କରିଥିଲେ। ଉପଖଣ୍ଡ ପୋଲିସ ଅଧିକାରୀ କେଦାର ନାଥ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଖୁଣ୍ଟା ପୋଲିସ ତଦନ୍ତ କରି ୫ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ୭୩ ହଜାର ଟଙ୍କା ଓ ୩ ମୋବାଇଲ ଫୋନ ଜବତ କରିଛି।

# ମାତିଛନ୍ତି ମଦ ମାଫିଆ

**ପରଜଙ୍ଗ, ୯।୫(ଡି.ଏନ.ଏ.)**



ପୋଲିସ ଜବତ କରିଥିବା ମଦ।

- ତାଲାବନ୍ଦ ସମୟରେ ବଢ଼ାଉଛନ୍ତି ନେଟ୍‌ୱର୍କ
- ଜିଲା ବାହାରକୁ ଲମ୍ବିଛି ଚୋରା ବ୍ୟବସାୟ ଚେର
- ଦାମୀ ଗାଡ଼ିରେ କରାଯାଉଛି ଚାଲାଣ

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକରେ ମାତିଛନ୍ତି ମଦ ମାଫିଆ। ତାଲାବନ୍ଦ ଏବଂ ସପ୍ତାହାନ୍ତ ଶଟ୍‌ଡାଉନ୍ ସମୟରେ ସେମାନେ ସକ୍ରିୟ ହୋଇ ଉଠିଛନ୍ତି। ଗ୍ରାମାଞ୍ଚଳରେ ନିଜର ନେଟ୍‌ୱର୍କ ବଢ଼ାଇବା ସହିତ ବାହାରକୁ ଅନାୟାସରେ ମଦ ଚାଲାଣ କରୁଛନ୍ତି। ପୋଲିସ ଆଖିରେ ଧୂଳି ଦେବାକୁ ଏଭଳି ବେଆଇନ କାର୍ଯ୍ୟରେ ବ୍ୟବହାର କରାଯାଉଛି ଦାମୀ ଗାଡ଼ି। ଏଥିରେ ବିଧିବଦ୍ଧ ଭାବେ ଏକ ଆନ୍ତଃଜିଲା ର୍‍ୟାକେଟ କାମ କରୁଛି। ପୋଲିସ ଏବଂ ଅବକାରୀ ବିଭାଗ ପକ୍ଷରୁ ମଦ ବ୍ୟବସାୟୀଙ୍କ ବିରୋଧରେ ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ବ୍ଲକର ଅଧିକାଂଶ ଗ୍ରାମ ଏବେ ନିଶା କାରବାରର ହବ୍ ପାଲଟିଛି।

ପରଜଙ୍ଗ ବ୍ଲକର ଆମ୍ବପଳାସ ଏବଂ ରୋଡ୍ ଗ୍ରାମରେ ଚୋରା ମଦ କୁଟୀର ଶିଳ୍ପରେ ପରିଣତ ହୋଇଛି। ଆମ୍ବପଳାସ ଗ୍ରାମରୁ ଦୈନିକ ହଜାର ହଜାର ଲିଟର ରନ୍ଧା ମହୁଲି ମଦ ଜିଲାର ବିଭିନ୍ନ ସ୍ଥାନ ସମେତ ବାହାରକୁ ଚାଲାଣ କରାଯାଉଛି। ମଦ ବ୍ୟବସାୟୀମାନେ ଅତି ଚତୁରତାର ସହ ଦାମୀ ଗାଡ଼ି, ବାଇକ୍‌ରେ ଗ୍ରାମାଞ୍ଚଳ ରାସ୍ତା ଦେଇ ଏହାକୁ ନିର୍ଦ୍ଦିଷ୍ଟ ସ୍ଥାନରେ ପହଞ୍ଚାଉଛନ୍ତି। ମଦମାଫିଆମାନେ ଏହି କାର୍ଯ୍ୟରେ ଅସାମାଜିକ ଯୁବକଙ୍କୁ ବ୍ୟବହାର କରୁଛନ୍ତି। ଆମ୍ବପଳାସ ଅଞ୍ଚଳରେ ତିଆରି କରାଯାଉଥିବା ମହୁଲି ମଦ ଢେଙ୍କାନାଳ, ଅନୁଗୋଳ, କଟକ, ଯାଜପୁର ଜିଲାକୁ ଚାଲାଣ ହେଉଛି। ପରଜଙ୍ଗ ଥାନା, ସରାଙ୍ଗ ଫାଣ୍ଡି, ସାଆନ୍ଦା ଫାଣ୍ଡି, କାମାକ୍ଷାନଗର ଥାନା, ଡୁମୁସିଂହା ଥାନା, ପଣ୍ଡୁଆ ଥାନା ଇଲାକାର ଗଳାବାଟ, ମୁଖ୍ୟରାସ୍ତା ଦେଇ ବିଭିନ୍ନ ସ୍ଥାନକୁ ନିଆଯାଉଛି। ତଥାପି ଏହାକୁ ରୋକାଯାଇ ନ ପାରିବା ପୋଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅନ୍ୟପଟେ ଅଧିକ ମଦ ଉତ୍ପାଦନ ଲାଗି ବ୍ୟବସାୟୀମାନେ ବିଭିନ୍ନ ରାସାୟନିକ ପଦାର୍ଥ ବ୍ୟବହାର କରୁଛନ୍ତି। ତେଣୁ କୌଣସି ସମୟରେ ଅଞ୍ଚଳରେ ବିଷାକ୍ତ ମଦମୃତ୍ୟୁ ଆଶଙ୍କାକୁ ଏଡ଼ାଇ ଦିଆଯାଇପାରୁନାହିଁ। ମଦକୁ ନେଇ ପରଜଙ୍ଗ ଥାନା ଅଞ୍ଚଳରେ ଅସାମାଜିକ କାର୍ଯ୍ୟ, ବିଶୃଙ୍ଖଳା ବଢୁଥିବାବେଳେ ଏଥିରେ ରୋକ୍ ଲଗାଇବାକୁ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ଥାନାଧିକାରୀ ସୌଭାଗ୍ୟ କୁମାର ସ୍ୱାଇଁ କୁହନ୍ତି, ଲକ୍‌ଡାଉନ ସୁଯୋଗରେ ଚୋରା ମଦ କାରବାର ବଢ଼ିଥିବା ଅଭିଯୋଗ ମିଳିଛି। ଏଥିରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ।

### ଦୁଇଦିନରେ ୧,୩୨୬ ଲିଟର ଜବତ, ୩ ଗିରଫ

ପରଜଙ୍ଗ ପୋଲିସ ପକ୍ଷରୁ ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ଦୁଇଦିନରେ ୧,୩୨୬ ଲିଟର ମଦ ଜବତ କରାଯାଇଛି। ସେଥିରୁ ୧,୧୦୫ଲିଟର ଦେଶୀ ଏବଂ ୨୨୧ ବୋତଲ ବିଦେଶୀ। ଏହି ଘଟଣାରେ ୩ ଜଣ ଗିରଫ ହୋଇଛନ୍ତି। ସେମାନେ ହେଲେ ପାଟରପଦା ଗ୍ରାମର ସନ୍ତୋଷ ବିଶ୍ୱାଳ, ଆମ୍ବପଳାସ ଗ୍ରାମର ବିଚାଣ୍ଡି ଦେହୁରୀ ଏବଂ ତାଙ୍କ ସ୍ତ୍ରୀ ସର୍ଜିତା ଦେହୁରୀ। ସନ୍ତୋଷଙ୍କଠାରୁ ୪୮ ବୋତଲ ବିଦେଶୀ ମଦ ଏବଂ ଦେହୁରୀ ଦମ୍ପତିଙ୍କ ନିକଟରୁ ୧୫୦ ଲିଟର ଦେଶୀ ମହୁଲି, ୧୭୩ ବୋତଲ ବିଦେଶୀ ମଦ, ଏକ ବଡ଼ ଫ୍ରିଜର ଜବତ କରାଯାଇଛି। ସେହିପରି ଉକ୍ତ ଗ୍ରାମର ଏକ ସ୍ଥାନରୁ ୯୫୫ ଲିଟର ବିଦେଶୀ ମଦ, କାର୍ (ନଂ. ଓଆର୍ ୦୨ ଏଏ ୦୫୮୬), ବାଇକ୍ (ନଂ. ଓଆର୍ ୦୫ ଏଏଲ୍ ୬୯୫୩), ସ୍କୁଟି (ନଂ. ଓଡ଼ି ୦୬ ଇ ୭୦୯୫) ଜବତ କରାଯାଇଛି। ମଦ କାରବାରରେ ସମ୍ପୃକ୍ତ ୪ ଜଣ ଫେରାର ହୋଇଯାଇଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

# ଆନ୍ଧ୍ର ଅଭିମୁଖେ ଅକ୍ସିଜେନ୍ ଟ୍ୟାଙ୍କର

**ଅନୁଗୋଳ ଅଫିସ, ୯।୫**



ଅନୁଗୋଳ ଜିଲା ଜେଏସ୍‌ପିଏଲ୍ ପ୍ଲାଣ୍ଟରୁ ଅକ୍ସିଜେନ୍ ବୋଝେଇ ହୋଇ ଆନ୍ଧ୍ର ଅଭିମୁଖେ ଯାଉଥିବା ଏକ୍ ଟ୍ୟାଙ୍କର ନରସିଂହପୁର ଥାନା ହିନ୍ଦୋଳ ଘାଟିରେ ଅଟକି ରହିଥିଲା। ଘାଟି ରାସ୍ତାକୁ ଦେଖି ଟ୍ୟାଙ୍କର ପଛେଇବା ବେଳେ ତାହା ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏହାପରେ ତୁରନ୍ତ ନରସିଂହପୁର ଥାନା ଓ ହିନ୍ଦୋଳ ଥାନାକୁ ସୂଚନା ପ୍ରଦାନ କରାଯାଇଥିଲା। ପରେ ଶନିବାର ଦୁଇ ଜିଲାର ପୋଲିସ ମିଶି ଗାଡ଼ିକୁ ରାସ୍ତା ମଝିରୁ ସାଇଟ୍ କରିଥିଲେ। ରବିବାର ଆବଶ୍ୟକ ମରାମତି ହେବା ପରେ ଟ୍ୟାଙ୍କର ୧୫ ଟନ୍ ଅକ୍ସିଜେନ୍ ଧରି ଆନ୍ଧ୍ରପ୍ରଦେଶ ଅଭିମୁଖେ ଯାତ୍ରା କରିଥିବା ଅନୁଗୋଳ ଏସ୍‌ପି ଜଗମୋହନ ମୀନା ସୂଚନା ପ୍ରଦାନ କରିଛନ୍ତି। ଆନ୍ଧ୍ରପ୍ରଦେଶରୁ ଆସିଥିବା ଅନ୍ୟ ଏକ ଟ୍ୟାଙ୍କର ଜେଏସ୍‌ପିଏଲ ପ୍ଲାଣ୍ଟକୁ ଅଣାଯାଇ ଅକ୍ସିଜେନ୍ ଭର୍ତ୍ତି କରାଯିବାର ଯୋଜନା ରହିଛି। ଲକ୍‌ଡାଉନ୍ ଓ ସପ୍ତାହାନ୍ତ ଶଟ୍‌ଡାଉନ୍ ଚାଲୁଥିବାରୁ ଅକ୍ସିଜେନ୍ ଗାଡ଼ି ସହ କୌଣସି ଏସ୍‌କର୍ଟ ଗାଡ଼ି ଦିଆଯାଇନାହିଁ। କିନ୍ତୁ ଟ୍ୟାଙ୍କର ଚାଳକଙ୍କ ସହ ଯୋଗାଯୋଗ ରଖାଯାଇଥିବା ଏସ୍‌ପି ସୂଚନା ଦେଇଛନ୍ତି।

## ୧୭ ଦିନରେ ଗଲାଣି ୭୮୪ ଟନ୍

**ଅନୁଗୋଳ ଅଫିସ, ୯।୫**

ଅନୁଗୋଳ ଜିଲାରୁ ଗତ ୧୭ ଦିନ ମଧ୍ୟରେ ୪ ରାଜ୍ୟକୁ ୭୮୪.୫୪୨ ଟନ୍ ଅକ୍ସିଜେନ୍ ପଠାଯାଇଥିବା ଜିଲା ପୋଲିସ ମୁଖ୍ୟାଳୟ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଆନ୍ଧ୍ରପ୍ରଦେଶକୁ ସର୍ବାଧିକ ୫୩୩.୩୪୨ ଟନ୍ ଅକ୍ସିଜେନ୍ ପଠାଯାଇଥିବାବେଳେ ମଧ୍ୟପ୍ରଦେଶକୁ ୫୮.୫୬ ଟନ୍, ମହାରାଷ୍ଟ୍ରକୁ ୮୭.୪୬ ଟନ୍ ଏବଂ ଦିଲ୍ଲୀକୁ ୧୦୫.୧୮ ଟନ୍ ଯୋଗାଣ ହୋଇଛି। ଜାତୀୟ ରାଜପଥରେ ୪୭ ଟ୍ୟାଙ୍କର ଏବଂ ଟ୍ରେନ୍ ଦ୍ୱାରା ଉକ୍ତ ଅକ୍ସିଜେନ ପଠାଯାଇଛି। ସୂଚନାଯୋଗ୍ୟ, ଏପ୍ରିଲ ୨୨ରେ ପ୍ରଥମ କରି ଟ୍ୟାଙ୍କରରେ ମେଡିକାଲ ବ୍ୟବହାର ଉପଯୋଗୀ ଅକ୍ସିଜେନ୍ ଆନ୍ଧ୍ରପ୍ରଦେଶକୁ ପଠାଯାଇଥିଲା।

# ୭ ଦିନ ପରେ ପୋଲିସ ହାତ ଖାଲି

**ଭଦ୍ରକ ଅଫିସ, ୯।୫**

### ସ୍ୱାମୀ ପରିତ୍ୟକ୍ତାଙ୍କୁ ବଳାତ୍କାର

ଭଦ୍ରକ ଜିଲା ତିହିଡ଼ି ଥାନା ଦୋଳସାହି ଅଞ୍ଚଳରେ ଜଣେ ସ୍ୱାମୀ ପରିତ୍ୟକ୍ତାଙ୍କୁ ବଳାତ୍କାର ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ତେବେ ଘଟଣାର ୪ ଦିନ ପରେ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ତିହିଡ଼ି ଥାନାରେ ରାଢ଼ଙ୍ଗ ଗାଁର ରତ୍ନାକର ମୁଦୁଲୀଙ୍କ ବିରୋଧରେ ଦଫା ୩୭୬(ଆଇ)କ୍ରମେ ୩ ତାରିଖରେ ମାମଲା (ନଂ. ୧୯୮/୨୧) ରୁଜୁ କରାଯାଇ ବୁଧବାର ମଧ୍ୟାହ୍ନରେ ପୀଡ଼ିତାଙ୍କ ଡାକ୍ତରୀ ମାଇନା କରାଯାଇଥିବା ସୂଚନା ମିଳିଛି। ତେବେ ଅଭିଯୁକ୍ତକୁ ଗିରଫ କରିବା ସହ ପୀଡ଼ିତାଙ୍କୁ ଉଚିତ ନ୍ୟାୟ ପ୍ରଦାନ କରିବା ଲାଗି ଦାବି କରାଯାଇଛି। ଇତି ମଧ୍ୟରେ ମାମଲା ରୁଜୁ ହେବାର ଏକ ସପ୍ତାହ ବିତିଗଲାଣି। କିନ୍ତୁ ଅଭିଯୁକ୍ତଙ୍କୁ ତିହିଡ଼ି ପୋଲିସ ଗିରଫ କରି ପାରିନାହିଁ। ସୂଚନା ମୁତାବକ ପୀଡ଼ିତା ଜଣେ ସ୍ୱାମୀ ପରିତ୍ୟକ୍ତା ଏବଂ ନିଜ ମା'ଙ୍କ ସହ ରୁହନ୍ତି। ଗତ ୨୯ ତାରିଖରେ ଜଣେ ବ୍ୟକ୍ତିଙ୍କ ଘରକୁ ଯାଉଥିବା ବେଳେ ବାଟରେ ଅଭିଯୁକ୍ତ ତାଙ୍କୁ ବଳ ପୂର୍ବକ ଉଠାଇ ଘରକୁ ନେଇ ଯାଇଥିଲେ। ଘରର କବାଟ ବନ୍ଦ କରି ଅଭିଯୁକ୍ତ ଜଣକ ତାଙ୍କୁ ନିସ୍ତୁକ ମାଡ଼ ମାରିବା ସହ ବଳାତ୍କାର କରିଥିଲେ। ପୋଲିସ ହସ୍ତକ୍ଷେପରେ ତାଙ୍କୁ ଜିଲା ଆଶ୍ରୟସ୍ଥଳୀରେ ରଖାଯାଇଥିଲା। ପରେ ଭଦ୍ରକ ମେଡିକାଲରେ ଚିକିତ୍ସା କରାଯାଇଥିଲା। ମାତ୍ର ପୋଲିସ କୌଣସି ପଦକ୍ଷେପ ନ ନେବାରୁ ପୀଡ଼ିତା ତାଙ୍କ ମା'ଙ୍କ ସହିତ ଜିଲା ଏସ୍‌ପିଙ୍କୁ ଭେଟି ଅଭିଯୁକ୍ତଙ୍କ ବିରୋଧରେ ବିହିତ ପଦକ୍ଷେପ ନେବାକୁ ଦାବି କରିଥିଲେ। ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଚଳିତ ମାସ ୩ ତାରିଖରେ ଥାନାରେ ମାମଲା ରୁଜୁ କରାଯାଇଥିବା ସୂଚନା ମିଳିଛି। ଏନେଇ ଥାନାଧିକାରୀ ରମେଶ ଚନ୍ଦ୍ର ସିଂଙ୍କୁ ପଚାରିବାରୁ ତଦନ୍ତ ଚାଲିଛି ଓ ଅଭିଯୁକ୍ତ ଗିରଫ ହୋଇ ନ ଥିବା କହିଛନ୍ତି।

## ଯୁବକଙ୍କ ଆତ୍ମହତ୍ୟା

**ସୋର, ୯।୫(ଡି.ଏନ୍.ଏ.)**

ସୋର ଥାନା ଅଧୀନ ଅନନ୍ତପୁର ଫାଣ୍ଡି ଅନ୍ତର୍ଗତ ଟେଣ୍ଟେଇ ପଞ୍ଚାୟତ ବରଡିହ ଗ୍ରାମର ଗୟାଧର ମଲ୍ଲିକ (୪୦) ବେକରେ ରଶି ଲଗାଇ ବୁଧବାର ରାତିରେ ଆତ୍ମହତ୍ୟା କରିଛନ୍ତି। ଘରୋଇ କଳହରୁ ସେ ମାନସିକ ଭାରସାମ୍ୟ ହରାଇ ଗୟାଧର ଘର ନିକଟ ଏକ ୧୧ କେଭି ବିଦ୍ୟୁତ୍ ଖୁଣ୍ଟରେ ଝୁଲି ଆତ୍ମହତ୍ୟା କରିଥିଲେ। ଫାଣ୍ଡି ଏଏସ୍‌ଆଇ ସେକ୍ ରହେମାନ୍ ଅପମୃତ୍ୟୁ ମାମଲା (ନଂ. ୨୯/୨୧) ରୁଜୁ କରି ଶବ ବ୍ୟବଚ୍ଛେଦ କରାଇ ଘଟଣାର ତଦନ୍ତ କରୁଛନ୍ତି।

## ଗୋଟିଏ ଗ୍ରାମରେ ୨୨ ସଂକ୍ରମିତ

**ଔପଦା, ୯।୫**

ଦିନକୁ ଦିନ କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ଲୋକେ ଭୟଭୀତ ହୋଇପଡୁଛନ୍ତି। ବାଲେଶ୍ୱର ଜିଲାର ଔପଦା ବ୍ଲକ ତଳକିଆ ପଞ୍ଚାୟତ ଦରଖୋଳି ଗ୍ରାମରେ କରୋନାରେ ଜଣଙ୍କ ମୃତ୍ୟୁ ହୋଇଥିଲା। ଶନିବାର ଆଉ ୨୨ ଜଣ ପଜିଟିଭି ଚିହ୍ନଟ ହେବା ପରେ ଗାଁରେ ଆତଙ୍କ ଖେଳିଯାଇଛି। ଦରଖୋଳି ଗ୍ରାମରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୋଭିଡ ଟେଷ୍ଟ ପାଇଁ ୧ ଶହରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ସ୍ୱାବ ପରୀକ୍ଷା ପାଇଁ ଯାଇଥିଲା। ସେଥିରୁ ୨୨ ପଜିଟିଭି ଚିହ୍ନଟ ହେବା ପରେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଦରଖୋଳି ଗ୍ରାମକୁ କଣ୍ଟେନମେଣ୍ଟ ଜୋନ ଭାବେ ଘୋଷଣା କରିବାକୁ ଦାବି ହେଉଛି।

## ଜଳିଗଲା ୫ ବଖରା

**ଭଦ୍ରକ ଅଫିସ, ୯।୫**

ଭଦ୍ରକ ପୌରପାଳିକା ଅଧୀନ ୩୦ନଂ. ୱାର୍ଡ଼ ଉତ୍ତରବାହିନୀ ଲେଙ୍କାସାହିର ରାଜେନ୍ଦ୍ର ଲେଙ୍କାଙ୍କ ଘରେ ଶନିବାର ରାତିରେ ଗ୍ୟାସ ଟାଙ୍କି ଫାଟି ନିଆଁ ଲାଗି ୫ ବଖରା ଜଳି ଯାଇଛି। ଦମକଳ ବାହିନୀ ପହଞ୍ଚିବା ଆଗରୁ ସବୁ ଜଳି ନଷ୍ଟ ହୋଇଯାଇଥିଲା। ରବିବାର ଭଦ୍ରକ ସୁରକ୍ଷା ସେନା ବିପନ୍ନଙ୍କ ଘରେ ପହଞ୍ଚି ଶୁଖିଲା ଖାଦ୍ୟ, ଲୁଗା ଓ ବାସନ ଇତ୍ୟାଦି ସହାୟତା ଯୋଗାଇ ଦେଇଛନ୍ତି। ସୁରକ୍ଷା ସେନାର ସର୍ବେଶ୍ୱର ମହାପାତ୍ର, ବିନୟ ବଳ, ଅଶୋକ ଦାସ ଓ କଟିଆ ପଲେଇ ସହାୟତା ପ୍ରଦାନ କରିଥିଲେ।

# ଅଦିନିଆ ବର୍ଷା: ବୁଡ଼ିଛି ପାଚିଲା ଧାନ

**ଜଳେଶ୍ୱର, ୯।୫ (ଡି.ଏନ୍.ଏ.)**


ଧାନଜମିରେ ବର୍ଷାପାଣି।

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକର ଚାଷୀମାନଙ୍କ ମୁଖ୍ୟ ଫସଲ ଧାନଚାଷ। ଏହି ଧାନଚାଷରୁ ସେମାନଙ୍କ ଗୁଜୁରାଣ ମେଣ୍ଟିଥାଏ। କୃଷି ବିଭାଗର ରିପୋର୍ଟ ଅନୁଯାୟୀ ଚଳିତବର୍ଷ ବ୍ଲକରେ ୨୧୩୦୦ ଏକର ଜମିରେ ରବି ଧାନଚାଷ ହୋଇଛି। ବିଭିନ୍ନ ସମୟରେ ରୋଗପୋକକୁ ସାମ୍ନା କରି ଚାଷୀମାନେ ନୟାନ୍ତ ହୋଇଥିବା ବେଳେ ଅଦିନିଆ ବର୍ଷା ସେମାନଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଛି। ଗତ ୧୦ଦିନ ହେଲା ପ୍ରତ୍ୟେକ ଅପରାହ୍ନରେ ବର୍ଷା ପବନ ଲାଗି ରହିଥିବାରୁ ଚାଷୀମାନେ ସେମାନଙ୍କ ଉତ୍ପନ୍ନ ଚାଷକୁ ଅମଳ କରିବାରେ ଅସମର୍ଥ ହୋଇଛନ୍ତି। ଏବେ ବିଲରେ ଧାନକଟା ହୋଇପଡିଛି। ଲକ୍‌ଡାଉନ ଚାଲୁଥିବାରୁ ପଶ୍ଚିମବଙ୍ଗରୁ କୃଷି ଶ୍ରମିକ ଆସିବା ସମ୍ଭବ ହୋଇପାରୁନାହିଁ। ତେଣୁ ହାର୍ଭେଷ୍ଟର୍ ଓ ଟ୍ରାକ୍ଟର ଉପରେ ନିର୍ଭର କରିବାକୁ ଚାଷୀ ବାଧ ହେଉଛି। ୧ ଏକର ଧାନ ଅମଳ ପାଇଁ ୭ହଜାର ଟଙ୍କା ଖର୍ଚ୍ଚ ହେଉଛି। ଏପରିକି ଠିକ୍ ସମୟରେ ମେଶିନ ନ ପାଇ ଚାଷୀ ଚିନ୍ତାରେ ବସିଛି। ଏଣେ ଓଦା ଧାନକୁ ଖଳାରେ ଶୁଖାଇବା ସମ୍ଭବ ହୋଇପାରୁନାହିଁ। ହାର୍ଭେଷ୍ଟର ଓ ଟ୍ରାକ୍ଟର ଭଡା ଭରଣ ପାଇଁ ଚାଷୀ ଉତ୍ପନ୍ନ ଧାନକୁ ଅଭାବୀ ବିକ୍ରି କରିବାକୁ ବାଧ ହେଉଛି। ପଶ୍ଚିମବଙ୍ଗର ଦଲାଲମାନେ ଏହାର ସୁଯୋଗ ନେଇ ଚାଷୀଙ୍କୁ ଠକି କୁଇଣ୍ଟାଲ ପ୍ରତି ୧ ହଜାର ଟଙ୍କାରେ କିଣୁଛନ୍ତି । ଏଯାଏ ଧାନମଣ୍ଡି ଖୋଲାଯାଇନାହିଁ। ଖୁବ୍‌ଶୀଘ୍ର ମଣ୍ଡି ଖୋଲାଯିବ ବୋଲି ସମବାୟବିତ୍ ମାନସ ଜେନା କହିଛନ୍ତି। କେତେ ଆଶା ବାନ୍ଧି ବସିଥିବା ଚାଷୀ ଏବେ ଏକର ପ୍ରତି ମାତ୍ର ୨ରୁ ୩ହଜାର ଲାଭ କରିବ, ଯାହାକି ତାର ଆର୍ଥିକ ମାନଦଣ୍ଡକୁ ଭୁଶୁଡ଼ି ପକାଇବ। ଝିପି ଝିପି ବର୍ଷା ଫଳରେ ଜମିରେ ପାଣି ଜମିଥିବାରୁ ଟ୍ରାକ୍ଟର ଚକରେ କାଦୁଅ ଆସି ଗ୍ରାମ୍ୟ ରାସ୍ତାଠୁ ଆରମ୍ଭ କରି ଜାତୀୟ ରାଜପଥର ଅବସ୍ଥା ବେହାଲ ହୋଇଛି। ପିଚୁ କିମ୍ବା କଂକ୍ରିଟ ରାସ୍ତା ଉପରେ ୪ ଇଞ୍ଚ କାଦୁଅ ଜମା ହୋଇଛି। ସାଧାରଣ ପଥଚାରୀ ଚାଲି ଚାଲି ଯିବା କଷ୍ଟକର ହୋଇପଡୁଛି। ଏପରିକି ୨ଚକିଆ ଓ ୩ ଚକିଆ ଯାନବାହନ ମଧ୍ୟ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ତେଣୁ ଶୀଘ୍ର ସମବାୟ ଜରିଆରେ ଧାନ କିଣିବାକୁ କୃଷକ ନେତା ସୁଦାମ ପାତ୍ରଙ୍କ ସହିତ ବହୁ ଚାଷୀ ଦାବି କରିଛନ୍ତି।

# ଦୁର୍ଦ୍ଦିନରେ କୁମ୍ଭକାର ପରିବାର

### ଲକ୍‌ଡାଉନ ଯୋଗୁ ରୋଜଗାର ନାହିଁ

**ଲଙ୍ଗଳେଶ୍ୱର, ୯।୫(ଡି.ଏନ.ଏ.)**


ଜଣେ କୁମ୍ଭକାର ମାଟି ପାତ୍ର ତିଆରି କରୁଛନ୍ତି।

ମହାମାରୀ କରୋନାର ଦ୍ୱିତୀୟ ଲହର ଯୋଗୁ ଓଡ଼ିଶାରେ ଦୈନିକ ସଂକ୍ରମଣ ଦ୍ରୁତ ଗତିରେ ବୃଦ୍ଧି ପାଇବାରେ ଲାଗିଛି। କରୋନା ସଂକ୍ରମଣ ଯେପରି ଅଧିକ ନ ବଢ଼ିବ ତାହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ୧୪ଦିନିଆ ଲକଡାଉନ୍ ଘୋଷଣା କରିଛନ୍ତି। ଅତି ଜରୁରୀ ନ ଥିଲେ ଘରୁ ନ ବାହାରିବା ପାଇଁ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଲକଡାଉନ୍ ସମୟରେ ପ୍ରଭାବିତ ହୋଇଛି ଅଧିକାଂଶ ଲୋକଙ୍କ ଜୀବନଜୀବିକା। ଅନ୍ୟ ସମସ୍ତ ଜୀବିକା ଏକପ୍ରକାର ପ୍ରଭାବିତ ହୋଇଥିବା ବେଳେ କୁମ୍ଭକାରମାନେ ରୋଜଗାର ହରାଇ ବସିଛନ୍ତି।

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଇନ୍ଦପଡ଼ା ଗ୍ରାମରେ ବସବାସ କରୁଛନ୍ତି ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ କୁମ୍ଭକାର ପରିବାର। ଏମାନେ ମାଟିରେ ତିଆରି ହାଣ୍ଡି, ସରା, ଠେକି, କଳସ, ଦୀପ, କଣ୍ଢେଇ ଆଦି ବିଭିନ୍ନ ପ୍ରକାର ଘରୋଇ ଉପକରଣ ତିଆରି କରି ବଜାରରେ ବିକି ପରିବାର ଚଳାଇଥାନ୍ତି। ପରିବାରର ପ୍ରାୟ ସମସ୍ତ ସଦସ୍ୟ ଏହି କୌଳିକ ବୃତ୍ତି କାର୍ଯ୍ୟ କରିଥାନ୍ତି। ତେବେ ବଜାରରେ ପ୍ଲାଷ୍ଟିକ ସାମଗ୍ରୀର ପ୍ରବେଶ ଯୋଗୁ ଏବେ ମାଟିରେ ନିର୍ମିତ ସାମଗ୍ରୀର ଚାହିଦା ଏକପ୍ରକାର କମିଯାଇଥିବା ବେଳେ ଲକଡାଉନ୍ ଜାରି ହେବା ଦିନଠାରୁ ଏମାନଙ୍କ ଦୁଃଖ ଦୁଇଗୁଣା ହୋଇଯାଇଛି। ଲକଡାଉନ୍ ଯୋଗୁ ଦୋକାନବଜାର, ହାଟ ସବୁ କିଛି ବନ୍ଦ। ସେମାନେ କୌଣସି ଗାଁକୁ ଯାଇ ବୁଲି ବିକ୍ରି ମଧ୍ୟ କରିପାରୁନାହାନ୍ତି। ଫଳରେ ତିଆରି ହୋଇଥିବା ସାମଗ୍ରୀ ସବୁ ସେମିତି ଗଦା ହୋଇରହିଛି। ଲକଡାଉନ୍ ଯୋଗୁ ରୋଜଗାର ସମ୍ପୂର୍ଣ୍ଣ ଭାବରେ ବନ୍ଦ ହୋଇଯିବାରୁ ଘରେ ଦିନକୁ ଦୁଇଓଳି ଚୁଲି ଜଳିବା ବି କଷ୍ଟ ହୋଇପଡ଼ିଛି। ବାହାଘର, ବ୍ରତଘର ଠାରୁ ଆରମ୍ଭ କରି ବିଭିନ୍ନ କାର୍ଯ୍ୟରେ ମାଟି ତିଆରି ଜିନିଷ ସବୁ ଆବଶ୍ୟକ ପଡ଼ିଥାଏ। ମେଳା, ମହୋତ୍ସବ, ଯାନିଯାତ୍ରା ଇତ୍ୟାଦି ବନ୍ଦ ହୋଇଥିବାରୁ ଏମାନଙ୍କ ଘରକୁ ଜିନିଷ କିଣିବାକୁ ମଧ୍ୟ କେହି ଆସୁନାହାନ୍ତି। ଅନ୍ୟ କୌଣସି ରୋଜଗାର ପନ୍ଥା ନ ଥିବାରୁ ଅର୍ଥାଭାବରୁ ଦୁର୍ଦ୍ଦିନରେ ଦିନ କାଟୁଛନ୍ତି ଏହି କୁମ୍ଭକାର ପରିବାର। ଯଦି ସରକାର କୁମ୍ଭକାରମାନଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି କିଛି ସହାୟତା କରନ୍ତେ, ତାହେଲେ ନିଜ ପରିବାର ଚଳିବା ସହ ଏହି ବ୍ୟବସାୟକୁ ମଧ୍ୟ ଆହୁରି ଆଗକୁ ନେଇପାରନ୍ତେ ବୋଲି ଇନ୍ଦପଡ଼ା ଗ୍ରାମର ଅଜିତ ବେହେରା, ସୁଶାନ୍ତ ବେହେରା, ହରେକୃଷ୍ଣ ବେହେରା, ପ୍ରହ୍ଲାଦ ବେହେରା ପ୍ରମୁଖ କହିଛନ୍ତି।


ମାଟିରେ ପ୍ରସ୍ତୁତ ବିଭିନ୍ନ ସାମଗ୍ରୀ।

## ଟ୍ରେନ୍ ଧକ୍କାରେ ଆହତ ହାତୀର ମୃତ୍ୟୁ

**କେନ୍ଦୁଝର, ୯।୫(ସ୍ୱ.ପ୍ର./ଡି.ଏନ.ଏ.)**

କେନ୍ଦୁଝର ଜିଲା ଆନନ୍ଦପୁର ବନ୍ୟପ୍ରାଣୀ ଡିଭିଜନ ଅଧୀନ ଦେଓଗାଁ ରେଞ୍ଜ ଶଗଡ଼ପଟା ଗ୍ରାମ ନିକଟରେ ଶନିବାର ରାତିରେ ଟ୍ରେନ୍ ଦୁର୍ଘଟଣାରେ ଆହତ ହୋଇଥିବା ହାତୀର ଚିକିତ୍ସାଧୀନ ଅବସ୍ଥାରେ ରବିବାର ଅପରାହ୍ନରେ ମୃତ୍ୟୁ ହୋଇଛି। ମୃତ ହାତୀର ଦୁଇଟି ଦାନ୍ତ ଉଦ୍ଧାର ହୋଇଛି । ଡାହାଣ ପାଖ ପଛ ଗୋଡ଼ରେ ଆଘାତ ଲାଗିଥିବାରୁ ହାତୀଟି ଠିଆ ହୋଇପାରୁ ନ ଥିଲା। ମୃତଦେହ ବ୍ୟବଚ୍ଛେଦ ପରେ ମାଟିରେ ପୋତି ଦିଆଯାଇଛି। ଏହି ଘଟଣାକୁ ନେଇ ଦେଓଗାଁ ରେଞ୍ଜରେ ଏକ ମାମଲା ରୁଜୁ ହୋଇଛି। ଜଣେ ଏସିଏଫ୍‌ଙ୍କ ଦ୍ୱାରା ଘଟଣାର ତଦନ୍ତ କରାଯାଉଛି । ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଡିଏଫ୍‌ଓ ଅଜିତ ଶତପଥୀ କହିଛନ୍ତି। ଏହି ହାତୀଟି ତେଲକୋଇ ରେଞ୍ଜରୁ ଦେଓଗାଁ ରେଞ୍ଜକୁ ପଳାଇଆସେ। ରେଳ ଲାଇନ୍‌କୁ ହାତୀ ନ ଆସିବା ପାଇଁ ଟ୍ରେଞ୍ଚ୍ ଖୋଳାଯାଇଛି । ହାତୀ ସମ୍ପର୍କରେ ନିରୀକ୍ଷଣ କରାଯାଇ କେବେ ରେଳବାଇ ବିଭାଗକୁ ସୂଚନା ଦିଆଯାଇଥିଲା ଏବଂ ଚାଳକ କେତେ ଦୂରରୁ ହର୍ନ ମାରିଥିଲେ ସେସବୁ ଯାଞ୍ଚ ହେବ ବୋଲି ଜଣାପଡ଼ିଛି।

